**୧୯ ଜାନୁଆରୀ ୨୦୨୪ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ୍**

ଓ୍ୱହଦ୍ ଯୁଦ୍ଧର ଉତ୍କଟ ପରିସ୍ଥିତି ଓ ମୁସଲମାନମାନଙ୍କ ସଂଘର୍ଷର ବିଶ୍ୱାସବର୍ଦ୍ଧକ ଆଲୋଚନା । ଫିଲିସ୍ତିନ୍ ବାସୀଙ୍କ ପାଇଁ ବିଶେଷ ଦୁଆର ଆହ୍ୱାନ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିରରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିରରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଓ୍ୱହଦ୍ ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ଆଜି ପରବର୍ତ୍ତୀ ଘଟଣାବଳୀ ବର୍ଣ୍ଣନା କରିବି । ଯେପରିକି ଆଲୋଚନା ହୋଇଥିଲା କି ଶତ୍ରୁ ଏହା ଘୋଷଣା କରିଦେଲା ଯେ, ହଜରତ ମୁହମ୍ମଦ[ସ.ଅ] ଶହିଦ୍ ହୋଇଗଲେ । ଯେଉଁବ୍ୟକ୍ତି ହଜୁର [ସ.ଅ]ଙ୍କ ଶହିଦ୍ ହେବା ଖବର ପ୍ରଘଟ କଲା, ସେତେବେଳେ ସେହି ହୃଦୟ ବିଦାରକ ଖବର ଶୁଣି ମୁସଲମାନମାନଙ୍କର କି ଅବସ୍ଥା ହେଲା । ସେଥିସଂକ୍ରାନ୍ତରେ ବିସ୍ତୃତ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ଯେତେବେଳେ ଇବ୍‌ନେ କମିୟା ମଣିନେଲା କି ସେ ହଜୁର [ସ.ଅ]ଙ୍କୁ ଶହିଦ୍ କରିବାରେ ସଫଳ ହୋଇଛି ସେତେବେଳେ ସେ ଚିତ୍କାର କରି ଘୋଷଣା କରିଦେଲା ଯେ, ହଜରତ ମୁହମ୍ମଦ[ସ.ଅ] ଶହିଦ୍ ହୋଇଗଲେ । ଏହା ମଧ୍ୟ କୁହାଯାଏ ଯେ, ଘୋଷଣାକାରୀ ଶୈତାନ ଥିଲା । ଏହି ପରିପ୍ରେକ୍ଷୀରେ ଅନେକ ମନ୍ତବ୍ୟ ରହିଛି ଯେ, କିଏ ଘୋଷଣା କରିଥିଲା । ସମ୍ଭବତଃ ଭିନ୍ନ ଭିନ୍ନ ଲୋକମାନେ ଏହି ଘୋଷଣା କରିଥିବେ ଏବଂ ସେମାନଙ୍କ ମଧ୍ୟରେ କେହି ଶୈତାନ ପ୍ରବୃତ୍ତିର ମଧ୍ୟ ଥିବେ ।

ହଜରତ ମିର୍ଜା ବଶିର ଅହେମଦ୍ ସାହେବ ନିଜ ପୁସ୍ତକ ସିରତ୍ ଖାତମୁନ୍ ନବୀଇନ୍‌ରେ ଉଲ୍ଲେଖ କରିଛନ୍ତି; ସେତେବେଳେ ମୁସଲମାନମାନେ ତିନି ଭାଗରେ ବିଭକ୍ତ ହୋଇ ଯୁଦ୍ଧ ଲଢୁଥିଲେ । **ପ୍ରଥମ ଦଳ** ସେମାନେ ଥିଲେ ଯେ ହଜୁର [ସ.ଅ]ଙ୍କ ଶହିଦ୍ ହେବା ଖବର ଶୁଣି ରଣକ୍ଷେତ୍ରରୁ ପଳାୟନ କରିଥିଲା, ସେମାନଙ୍କ ମଧ୍ୟରେ ହଜରତ ଉସମାନ[ର.ଅ] ମଧ୍ୟ ସାମିଲ ଥିଲେ । କିନ୍ତୁ ପବିତ୍ର କୁରଆନରେ ଉଲ୍ଲେଖ ରହିଛି ସେତେବେଳର ବିଶେଷ ପରିସ୍ଥିତି ଏବଂ ମୁସଲମାନମାନଙ୍କ ମନର ଅବସ୍ଥା, ନିଷ୍ଠା ଓ ଆସ୍ଥାକୁ ଦୃଷ୍ଟିରେ ରଖି ପରମ ଦୟାଳୁ କୃପାଳୁ ପ୍ରଭୁ ସେମାନଙ୍କୁ କ୍ଷମା କରିଦେଲେ । ସେମାନଙ୍କ ମଧ୍ୟରୁ କିଛି ପଳାୟନ କରି ମଦିନାରେ ପହଞ୍ଚି ଗଲେ । ଯଦ୍ୱାରା ମଦିନାରେ ମଧ୍ୟ ହଜୁର [ସ.ଅ]ଙ୍କ ଶହିଦ୍ ହେବାର ଗୁଜବ ଓ ମୁସଲମାନମାନଙ୍କ ପରାଜୟ ଖବର ପରିବ୍ୟାପ୍ତ ହୋଇଗଲା । ସୁତରାଂ ସମଗ୍ର ସହରରେ ଏକ କୋଳାହଳ ପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଗଲା ଏବଂ ମୁସଲମାନମାନଙ୍କ ଆବାଳ ବୃଦ୍ଧବନିତା ଓ୍ୱହଦ୍‌କ୍ଷେତ୍ର ଆଡ଼କୁ ବାହାରି ପଡ଼ିଲେ । କିଛି ଲୋକ ଦୌଡ଼ି ଦୌଡ଼ି ସେଠାରେ ପହଞ୍ଚିଗଲେ ଏବଂ ଅଲ୍ଲାଃଙ୍କ ନାମ ନେଇ ଶତ୍ରୁର ଧାଡ଼ିରେ ପ୍ରବିଷ୍ଟ ହୋଇଗଲେ । **ଦ୍ୱିତୀୟ ଦଳ** ସେମାନେ ଥିଲେ ଯେ ହଜୁର [ସ.ଅ]ଙ୍କ ଶହିଦ୍ ହେବା ଖବର ଶୁଣି ଆଉ ଶତ୍ରୁର ପ୍ରତିଦ୍ୱନ୍ଦିତା କରିବାକୁ

ନିରର୍ଥକ ମଣି ରଣକ୍ଷେତ୍ରର ଗୋଟିଏ ପାର୍ଶ୍ୱକୁ ହଟିଯାଇ (ନିରବ) ବସି ପଡ଼ିଲେ । **ତୃତୀୟ ଦଳ** ସେମାନେ ଥିଲେ ଯେ ବରାବର ଶତ୍ରୁ ସହ ଲଢ଼ି ଚାଲିଥିଲା । ସେମାନେ ହଜୁର ସ.ଅଙ୍କୁ ଚର୍ତୁପାର୍ଶ୍ୱରୁ ଘେରି ରହିଥିଲେ ଏବଂ ଅଭୂତପୂର୍ବ ସମର୍ପଣତାର ପ୍ରତିଭା ପ୍ରଦର୍ଶନ କରୁଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁଦ୍ଧକ୍ଷେତ୍ରରେ ଏଣେତେଣେ ବିକ୍ଷିପ୍ତ ହୋଇ ଶତ୍ରୁର ମୁକାବିଲା କରୁଥିଲେ । ସେମାନଙ୍କୁ ଓ ଦ୍ୱିତୀୟ ଦଳକୁ ଯେମିତି ଯେମିତି ହଜୁର ସ.ଅଙ୍କ ଜୀବିତ ଥିବା ଖବର ମିଳୁଥିଲା ସେମାନେ ପାଗଳଙ୍କ ପରି ଶତ୍ରୁର ମୁକାବିଲା କରି ହଜୁର ସ.ଅଙ୍କ ନିକଟରେ ଏକତ୍ରିତ ହୋଇ ଚାଲିଥିଲେ । ସେତେବେଳେ ଯୁଦ୍ଧର ଅବସ୍ଥା ଏପରି ଥିଲା କି କୁରୈଶର ସୈନ୍ୟସାମନ୍ତ ସମୁଦ୍ରର ଧ୍ୱଂସକାରୀ ଲହରୀ ସଦୃଶ ଚର୍ତୁପାର୍ଶ୍ୱରୁ ମାଡ଼ି ଆସୁଥିଲା । ଆଉ ପ୍ରତ୍ୟେକ ଦିଗରୁ ତୀର ବର୍ଷା ହେଉଥିଲା । ଏହା ଦେଖି ଉତ୍ସର୍ଗୀମାନେ ହଜୁର ସ.ଅଙ୍କ ଚାରିପଟେ ଏକ ଘେର ତିଆରି କରି ତାଙ୍କୁ ନିଜ ପଛରେ ଆଡୁଆଳ (ଲୁକ୍କାୟିତ) କରିନେଲେ । ତଥାପି ଯେତେବେଳେ ଆକ୍ରମଣ ତୀବ୍ରତର ହେଉଥିଲା ସେତେବେଳେ ଏହି ହାତ ଗଣତିର ସାହାବା ଏଣେତେଣେ ବିଚ୍ଛୁରିତ ହୋଇଯାଉ ଥିଲେ । ଏପରି ଅବସ୍ଥାରେ କେତେକ ସମୟରେ ହଜୁର ସ.ଅଙ୍କ କଦାଚିତ୍ ଏକାକୀ ରହିଯାଉ ଥିଲେ ।

ଏପରି ଏକ ଉତ୍କଟ ପରିସ୍ଥିତିରେ ହଜରତ ସାଦ୍ ବିନ୍ ଓ୍ୱକାଶ ର.ଅଙ୍କର ଅମାନ୍ୟକାରୀ ଭାଇ ଉତ୍‌ବା ବିନ୍ ଓ୍ୱକାଶ ଏକ ପଥର ହଜୁର ସ.ଅଙ୍କ ପବିତ୍ର ମୁଖକୁ ଫିଙ୍ଗିଲା । ଯଦ୍ୱାରା ହଜୁର ସ.ଅଙ୍କର ଏକ ଦାନ୍ତ ଭାଙ୍ଗିଗଲା ଓ ଓଠ ମଧ୍ୟ କ୍ଷତାକ୍ତ ହେଲା । ଆଉ ଏକ ପଥର ଅବଦୁଲ୍ଲାଃ ବିନ୍ ଶହାବ୍ ମଧ୍ୟ ଫିଙ୍ଗିଲା ଯାହାକି ହଜୁର ସ.ଅଙ୍କ ପବିତ୍ର କପାଳକୁ ଆଘାତ କରିଦେଲା । କିଛିକ୍ଷଣ ପରେ ତୃତୀୟ ପଥର ଇବ୍‌ନେ କମିୟା ନିକ୍ଷେପ କଲା ଯାହାକି ହଜୁର ସ.ଅଙ୍କ ପବିତ୍ର ଗାଲରେ ବାଜିଲା, ଫଳରେ ଆପଣ ସ.ଅ ପରିଧାନ କରିଥିବା ମୁକୁଟର ଦୁଇଟି କଡ଼ି ଗାଲରେ ଧସି ହୋଇଗଲା ।

ହଜରତ ମୁସଲେହ ମଉଦ ର.ଅ ଦୁଆ ସ୍ୱୀକୃତ ହେବାର ଦର୍ଶନ ପ୍ରସଙ୍ଗରେ ବିସ୍ତୃତ ବ୍ୟାଖ୍ୟା ବର୍ଣ୍ଣନା କରି ଓ୍ୱହଦ୍ ଯୁଦ୍ଧର ଏହି ଘଟଣା ଚର୍ଚ୍ଚା କରିଛନ୍ତି; ଆପଣ କହନ୍ତି– ହଜୁର ସ.ଅଙ୍କୁ ଧରିବା ନିମନ୍ତେ ଇରାନ୍‌ର ସମ୍ରାଟ ନିଶ୍ଚୟ କରିନେଇଥିଲା । କିନ୍ତୁ ଧରିବା ପାଇଁ ସୈନିକ ପହଞ୍ଚି ନଥିଲେ କେବଳ ୟମନ୍‌ର ଗଭର୍ନରଙ୍କ ସନ୍ଦେଶବାହାକ ପହଞ୍ଚି ଥିଲା ଯେ, ମହାପରାକ୍ରମୀ ପରମେଶ୍ୱର ସମ୍ରାଟର ପୁତ୍ର ମନରେ ଏହି କଥା ଉଦ୍ରେକ କରି ତାହା ହସ୍ତରେ ନିଜ ପିତାକୁ ହତ୍ୟା କରାଇଦେଲେ । କିନ୍ତୁ ଓ୍ୱହଦ୍ ଯୁଦ୍ଧରେ ଶତ୍ରୁ ଆପଣଙ୍କ ଉପରେ ଆକ୍ରମଣ କଲା, ପଥର ଫିଙ୍ଗି ହଜୁର ସ.ଅଙ୍କ ପବିତ୍ର ଦାନ୍ତ ଓ ଚେହେରାକୁ କ୍ଷତାକ୍ତ କରିଦେଲା । ହଜୁର ସ.ଅଙ୍କ ମୁକୁଟର କଣ୍ଟା ତାଙ୍କ ମସ୍ତକରେ ବିଦ୍ଧ (ଧସି) ହୋଇଗଲା ଏବଂ ଆପଣ ଚେତାଶୂନ୍ୟ ହୋଇ ଟଳି ପଡ଼ିଲେ । ଆଉ ସଭିଏଁ ମଣିନେଲେ ଯେ, ହଜୁର ସ.ଅ ଶହିଦ୍ ହୋଇଗଲେ । ଏବେ କେହି ଯଦି ଆପତ୍ତି କରେ କି ଯଦି ପ୍ରଭୁଙ୍କୁ ହଜୁର ସ.ଅଙ୍କ ସମ୍ମାନ ଓ ଗରିମାର ଏତେ ଖିଆଲ ଥିଲା କି ଆପଣ ସ.ଅଙ୍କ ସକାଶେ ଏତେ ଦୂରରେ ରହିଥିବା ଇରାନର ମହାପ୍ରତାପୀ ସମ୍ରାଟକୁ ବଧ କରାଇଦେଲେ ତେବେ ଓ୍ୱହଦ କ୍ଷେତ୍ରରେ ହଜୁର ସ.ଅଙ୍କୁ ଶତ୍ରୁକୁ ଏପରି ପଥର ମାଡ଼ କରିବାର ଅବସର କାହିଁକି ଦେଲେ ? ତେବେ ଏହି ଆପତ୍ତି ଯୁକ୍ତିଯୁକ୍ତ ନୁହେଁ । ଏହା ଅଲ୍ଲାଃତାଲାଙ୍କ ନିୟତି ଓ ଗୋପନୀୟତା । କେତେକ ଅବସରରେ ସେ ସାମାନ୍ୟ ପ୍ରସଙ୍ଗରେ ଧରପକଡ଼ କରି ନେଇଥାନ୍ତି ତ ଆଉ କେତେକ ସମୟରେ ନିଜ ନିୟତିରେ କୋହଳା ଅବଲମ୍ବନ କରିଥାନ୍ତି । **ଯଦ୍ୱାରା ମନୁଷ୍ୟର ଅସହାୟତା ଓ ଅକ୍ଷମତା ପ୍ରମାଣ ସିଦ୍ଧ ହେବ ।**

ସେ ଯାହା ହେଉ ଓ୍ୱହଦ୍ ଯୁଦ୍ଧର ଘଟଣାବଳୀର ଆଲୋଚନା ଚାଲିଛି । ହଜୁର ସ.ଅଙ୍କ ଶହିଦ୍ ହେବା ଗୁଜବ ପରେ ସାହାବାମାନେ ସ୍ୱଚକ୍ଷୁରେ ହଜୁର ସ.ଅଙ୍କର ଦର୍ଶନ କରିନେଲେ । ଏହି ଘଟଣାଚକ୍ରର ବିସ୍ତୃତ ବିବରଣୀ ଏପରି ଉଲ୍ଲେଖ ରହିଛି, ହଜରତ ଅବୁ ଉବେଦାଃର.ଅ ପ୍ରଥମ ସାହାବି ଥିଲେ ଯେ ସର୍ବପ୍ରଥମେ ହଜୁର ସ.ଅଙ୍କୁ ଚିହ୍ନଟ କରିଥିଲେ କି ଆପଣସ.ଅ ଜୀବିତ ଓ ସୁରକ୍ଷିତ ଅଛନ୍ତି । ସେ କୁହନ୍ତି; ମୁଁ ହଜୁର ସ.ଅଙ୍କର ନେତ୍ରକୁ ଦେଖି ଚିହ୍ନିଲି ଯାହାକି ମୁକୁଟ ତଳୁ ଉଜ୍ୱଳମୟ ପ୍ରତୀୟମାନ ହେଉଥିଲା । ମୁସଲମାନମାନଙ୍କୁ ଯେମିତି ଯେମିତି ଏହି ସୂଚନା ମିଳି ଚାଲିଲା ସଭିଏଁ ଆପଣ ସ.ଅଙ୍କ ନିକଟରେ ରୁଣ୍ଡ ହୋଇଚାଲିଲେ । ଯେତେବେଳେ ସଭିଏଁ ସ୍ୱଚକ୍ଷୁରେ ହଜୁର ସ.ଅଙ୍କୁ ଦେଖିନେଲେ ସେତେବେଳେ ସାହାବାମାନେ ଚତୁର୍ପାର୍ଶ୍ୱରୁ ଆପଣଙ୍କୁ ଘେରି ରହିଲେ । ହଜରତ ମିର୍ଜା ବଶିର ଅହେମଦ୍ ସାହେବ ଉଲ୍ଲେଖ କରିଛନ୍ତି; ଯେତେବେଳେ କୁରୈଶ ସାମାନ୍ୟ ପଛକୁ ହଟିଲେ ସେତେବେଳେ ଯେଉଁ ମୁସଲମାନମାନେ ଉପସ୍ଥିତ ଥିଲେ ସେମାନେ ହଜୁର ସ.ଅଙ୍କୁ ଚିହ୍ନି ଆପଣଙ୍କ ଚତୁର୍ପାର୍ଶ୍ୱରେ ଏକତ୍ରିତ ହୋଇଗଲେ ଏବଂ ଆପଣସ.ଅ ନିଜର ସେହି ଅନୁଚରମାନଙ୍କ ସହ ଧିରେ ଧିରେ ପର୍ବତ ଶିଖରକୁ ଚଢ଼ି ଏକ ସୁରକ୍ଷିତ ସ୍ଥାନରେ ପହଞ୍ଚିଗଲେ । ମାର୍ଗରେ ମକ୍କାର ଜଣେ ଧନାଢ଼୍ୟ ବ୍ୟକ୍ତି ଅବି ବିନ୍ ଖଲଫ୍‌ର ନଜର ସେମାନଙ୍କ ଉପରେ ପଡ଼ିଲା । ବସ୍ତୁତଃ ସେ ରାଗ, ଘୃଣା ଓ ଶତ୍ରୁତାର ଅଗ୍ନିରେ ଅନ୍ଧ ହୋଇ ଏହି ଅପଶବ୍ଦ "କହ୍‌ଲା ନଜୌତୁ ଇନ୍ ନଜା" କହି ହଜୁର ସ.ଅଙ୍କ ଆଡ଼କୁ ଅଗ୍ରସର ହେଲା । ଅର୍ଥାତ ଯଦି ମୁହମ୍ମଦସ.ଅ ଏଠାରୁ ଜୀବିତ ଖସିଗଲେ ତେବେ ମୋତେ ନିସ୍ତାର ମିଳିବ ନାହିଁ । ସାହାବା ତାକୁ ଅଟକାଇବାକୁ ବାହାରିଲେ କିନ୍ତୁ ହଜୁରସ.ଅ ନିର୍ଦ୍ଦେଶ ଦେଲେ, ତାହାକୁ ଛାଡ଼ିଦିଅ ଏବଂ ତାହାକୁ ମୋ ନିକଟକୁ ଆସିବାକୁ ଦିଅ । ଆଉ ଯେତେବେଳେ ସେ ଆକ୍ରମଣ କରିବା ଉଦ୍ଦେଶ୍ୟରେ ଆପଣ ସ.ଅଙ୍କ ନିକଟତର ହେଲା ସେତେବେଳେ ହଜୁରସ.ଅ ଗୋଟିଏ ବର୍ଚ୍ଛା ନେଇ ତାହାକୁ ମାରିଲେ ଯଦ୍ୱାରା ସେ ଚକ୍କର ଖାଇ ତଳେ ଟଳି ପଡ଼ିଲା । ପୁନଶ୍ଚ ଉଠି ଚିତ୍କାର କରି ପଳାୟନ କଲା ଯଦିଚ ତାହାକୁ ଗଭୀର ଆଘାତ ଲାଗି ନଥିଲା ତଥାପି ମକ୍କା ପହଞ୍ଚିବା ପୂର୍ବରୁ ହିଁ ସେ ଶେଷନିଶ୍ୱାସ ତ୍ୟାଗ କରିଦେଲା ।

ଯେତେବେଳେ ହଜୁରସ.ଅ ପର୍ବତର ସୁରକ୍ଷିତ ସ୍ଥାନରେ ପହଞ୍ଚିଗଲେ । ସେତେବେଳେ କୁରୈଶର ଏକ ଦଳ ଖାଲିଦ୍ ବିନ୍ ଓଲିଦ୍‌ଙ୍କ ନେତୃତ୍ୱରେ ପର୍ବତ ଉପରକୁ ଚଢ଼ି ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କଲା କିନ୍ତୁ ହଜୁର ସ.ଅଙ୍କ ନିର୍ଦ୍ଦେଶକ୍ରମେ ହଜରତ ଉମରର.ଅ କିଛି ପ୍ରବାସକାରୀ ସାହାବାଙ୍କୁ ସାଥିରେ ନେଇ ସେମାନଙ୍କର ମୁକାବିଲା କରି ତାଙ୍କୁ ପତିତ କରିଦେଲେ । ଆଉ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି, ହଜୁରସ.ଅ ଚଟ୍ଟାଣ ଉପରକୁ ଚଢ଼ିବାକୁ ଅଗ୍ରସର ହେଲେ କିନ୍ତୁ ଆପଣଙ୍କ ପବିତ୍ର ମଥାରେ ଲାଗିଥିବା ଆଘାତରୁ ରକ୍ତ କ୍ଷରିତ ହେବା ଏବଂ ଦୁର୍ବଳତା ଯୋଗୁଁ ପର୍ବତ ଉପରକୁ ଚଢ଼ି ପାରିଲେ ନାହିଁ । ଏହା ଦେଖି ହଜରତ ତଲ୍‌ହା ବିନ୍ ଅବିଦୁଲ୍ଲାଃ ଆପଣଙ୍କୁ ନିଜ କାନ୍ଧ ଉପରେ ବିରାଜିତ କରାଇ ଉପରକୁ ନେଇଗଲେ । ହଜୁରସ.ଅ ସେହିକ୍ଷଣି କହିଲେ; **ଆଙ୍କ ପାଇଁ ବୈକୁଣ୍ଠ ଅନିବାର୍ଯ୍ୟ ହୋଇଗଲା ।** ହଜରତ ଆଏଶାର.ଅ କୁହନ୍ତି; ହଜରତ ଅବୁବକରର.ଅ ଯେତେବେଳେ ମଧ୍ୟ ଓ୍ୱହଦ୍ ଯୁଦ୍ଧର ଚର୍ଚ୍ଚା କରନ୍ତି ଏହି କଥା ହିଁ କହିଥାନ୍ତି କି ସେହି ଦିନ ପୂର୍ଣ୍ଣ ରୂପେ ହଜରତ ତଲ୍‌ହା ର.ଅଙ୍କର ଥିଲା ।

ଓ୍ୱହଦ୍ ଯୁଦ୍ଧରେ ହଜୁର ସ.ଅଙ୍କୁ ଯେଉଁ ଆଘାତ ଲାଗିଥିଲା ସେଥିସଂକ୍ରାନ୍ତରେ ବୁଖାରୀରେ ଉଲ୍ଲେଖ ରହିଛି, ହଜରତ ଫାତିମାର.ଅ ଆପଣଙ୍କ କ୍ଷତସ୍ଥାନକୁ ଧୋଉ ଥିଲେ ଏବଂ ହଜରତ ଅଲୀର.ଅ ଢ଼ାଳରୁ ପାଣି ଢ଼ାଳୁଥିଲେ । ହଜରତ ଆଏଶାର.ଅ ଦେଖିଲେ ଯେ, ଜଳ ଦ୍ୱାରା ଅଧିକ ରକ୍ତସ୍ରାବ ହେଉଛି ତେଣୁ ସେ ଅଖାର

ଏକ ଟୁକୁଡ଼ା ଜାଲି କ୍ଷତ ସ୍ଥାନରେ ବାନ୍ଧିଦେଲେ, ଯଦ୍ଵାରା ରକ୍ତ ନିର୍ଗତ ହେବା ବନ୍ଦ ହୋଇଗଲା । ହଜୁର[ସ.ଅ] କହିଲେ; ସେହି ଜାତି କିପରି ସଫଳ ହେବ ଯେ ନିଜ ଅବତାରଙ୍କୁ କ୍ଷତାକ୍ତ (କରିବାର ଜଘନ୍ୟ ଅପରାଧ) କଲା ଏବଂ ତାହାର ସମ୍ମୁଖ ଦାନ୍ତ ଭାଙ୍ଗି ଦେଲା ଯେତେବେଳେ ସେ ତାଙ୍କୁ ଅଲ୍ଲାଃଙ୍କ ଆଡ଼କୁ ଡ଼ାକରା ଦେଉଛି । ମହାମହିମ ହଜୁର ଅନଓ୍ଵର[ଅ.ବ] କହିଲେ; ପରବର୍ତ୍ତୀ ଘଟଣାବଳୀ ଇନ୍ନଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

ପ୍ରିୟ ହଜୁର ଅନଓ୍ଵର[ଅ.ବ] କହିଲେ; ମୁଁ ଫିଲିସ୍ତିନ୍ ବାସୀଙ୍କ ପାଇଁ ବିଶେଷ ଦୁଆ କରିବାକୁ କହି ଆସୁଛି । ସମ୍ପ୍ରତି ମୁସଲମାନ ରାଷ୍ଟ୍ରମାନେ ଏପରି ସଙ୍କଟାପର୍ଣ୍ଣ ପରିସ୍ଥିତିରେ ଏକ ହୋଇ ଫିଲିସ୍ତିନ୍‌କୁ ରକ୍ଷା କରିବା ପାଇଁ ଉଦ୍ୟମ କରିବା ପରିବର୍ତ୍ତେ ପରସ୍ପର ସହ ଲଢ଼ିବା ଆରମ୍ଭ କରି ଦେଇଛନ୍ତି । ଶୁଣିବାକୁ ମିଳୁଛି ଯେ, ପାକିସ୍ତାନ ଓ ଇରାନ୍ ସଂଘର୍ଷ ଚାଲିଛି, ଆଉ ପରସ୍ପର ଉପରେ ବୋମା ମାଡ଼ କରୁଛନ୍ତି । ତେବେ ଏପରି ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି । ଅଲ୍ଲାଃତାଲା ଏହି ମୁସଲମାନ ରାଷ୍ଟ୍ରମାନଙ୍କର ଶାସକମାନଙ୍କୁ ସଦ୍‌ବୁଦ୍ଧି ଓ ସତ୍‌ଜ୍ଞାନ ପ୍ରଦାନ କରନ୍ତୁ । ସେମାନଙ୍କ ପାଇଁ ମଧ୍ୟ ଦୁଆ କରିବେ । **ଅଲ୍ଲାଃତାଲା ବାସ୍ତବରେ ସେମାନଙ୍କୁ ନିଜ ନିଜର ଉଦ୍ଦେଶ୍ୟ ହୃଦୟଙ୍ଗମ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ସେମାନେ ଗୋଟିଏ ସମ୍ପ୍ରଦାୟ ପାଲଟି ଯାନ୍ତୁ ।**

ଖୁତବାର ପରିଶେଷରେ ମହାମାନ୍ୟ ହଜୁର ଅନଓ୍ଵର[ଅ.ବ] କହିଲେ; ନମାଜ ଜୁମା ପରେ ମୁଁ ଦୁଇଟି ଜନାଯାଃ ଗାଏବ ପାଠ କରାଇବି । **ପ୍ରଥମ** ଜନାଯାଃ ଶ୍ରୀମାନ ସୟଦ୍ ମୌଲୁଦ୍ ଅହେମଦ୍ ସାହେବ ପୁତ୍ର ସୟଦ୍ ଦାଉଦ୍ ମୁଜଫର୍ ଶାହ ସାହେବଙ୍କର ଅଟେ । ସେ ହଜରତ ମୁସଲେହ ମଉଦ[ର.ଅ] ଓ ସୟଦାଃ ଉମ୍ମେ ତାହିର ସାହେବାଃଙ୍କର ନାତି ଆଉ ମୋର ଖାଲାପୁଅ ଭାଇ ତଥା ମୋ ପତ୍ନୀଙ୍କ ଜ୍ୟେଷ୍ଠ ଭ୍ରାତା ଥିଲେ । **ଦ୍ୱିତୀୟ** ଜନାଯାଃ ଶ୍ରୀମାନ ଆକମିଦ୍ ଅଗ୍ ମୁହମ୍ମଦ୍ ସାହେବ ସଦର୍ ଜମାଅତ ମେହ୍‌ଦିୟାବାଦ୍ ଏବଂ ଡୁୟି ଅଞ୍ଚଳ ଅର୍ଥାତ ବୁରକିନାଫାସୋ (ଆଫ୍ରିକା) ନିବାସୀଙ୍କର ଅଟେ । ପ୍ରିୟ ହଜୁର ଅନଓ୍ଵର[ଅ.ବ] ଉଭୟ ମୃତକଙ୍କର ସଦ୍‌ଗତି ପ୍ରାପ୍ତି ଏବଂ ପ୍ରଭୁ ସେମାନଙ୍କ ସହ ଦୟା ଓ କ୍ଷମା ଆଚରଣ କରିବା । ତାଙ୍କ ପରିଜନମାନଙ୍କୁ ଧୈର୍ଯ୍ୟ ଲାଭ ହେବା ତଥା ମୃତକଙ୍କର ପୁଣ୍ୟାବଳୀଗୁଡ଼ିକୁ ସେମାନେ ଅବ୍ୟାହତ ରଖିବାର ସାମର୍ଥ୍ୟ ଲାଭ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ଵ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ଵନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ଵରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ଵଲ୍ ଇହ୍‌ସାନି ଓ୍ଵଇତାଇଜିଲ କୁର୍‌ବା ଓ୍ଵୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ଵଲ୍ ମୁନ୍‌କରି ଓ୍ଵଲ୍ ବଗଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a In Odia
19th January 2024